# MICROFINANCE INSTITUTIONS NETWORK

## Media Visibility Report

## Press Release: Balasore LDM meets Microfinance organizations in the district

**Date of Dissemination: July 1, 2020**

# Media Coverage Index

| S. No. | Date | Publication Name | Edition |
|---|---|---|---|
| **1.** | 02.07.2020 | Samaja | Balasore, Orissa |
| **2.** | 06.07.2020 | Sambad | Balasore, Orissa |
| **3.** | 06.07.2020 | Prameya | Balasore, Orissa |

| Publication | Sambad |
| --- | --- |
| Edition | Orissa [Balasore] |
| Date | 6th July, 2020 |
| Page No. | 14 |

# ବାଲେଶ୍ୱରରେ ଏଲ୍‌ଡିଏମ୍ ବୈଠକ

ଭୁବନେଶ୍ୱର, ୫/୭: ବାଲେଶ୍ୱରରେ ଥିବା ୟୁକୋ ବ୍ୟାଙ୍କ ପରିସରରେ ମାଇକ୍ରୋ ଫାଇନାନ୍ସ ସଂସ୍ଥାର ଗ୍ରାହକମାନଙ୍କ ପାଇଁ ଲିଡ୍ ଡିଷ୍ଟ୍ରିକ୍ ମ୍ୟାନେଜର (ଏଲ୍‌ଡିଏମ୍) ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ କେ ସୁଦର୍ଶନଙ୍କ ଚକ୍ରବର୍ତୀଙ୍କ ନିର୍ଦ୍ଦେଶକ୍ରମେ ଆୟୋଜନ କରାଯାଇଥିବା ଏହି ବୈଠକରେ ବାଲେଶ୍ୱରର ଏଲ୍‌ଡିଏମ୍ ସୁଦୀପ ଡାକୁଆ ଓ ମିଶନ ଶକ୍ତିର ସଂଯୋଜକ ଶ୍ରୀ ପରିଡ଼ା ଉପସ୍ଥିତ ଥିଲେ। କୋଭିଡ୍-୧୯ ସଙ୍କଟ ଦ୍ୱାରା ପ୍ରଭାବିତ ହୋଇଥିବା ବାଲେଶ୍ୱର ଜିଲ୍ଲାର ୧.୮୮ ଲକ୍ଷ ମହିଳା ଗ୍ରାହକଙ୍କ ପାଇଁ ରହିଥିବା ସୁବିଧାଗୁଡ଼ିକ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ସେମାନଙ୍କ ପାଇଁ ଏମ୍‌ଫିନ୍ ଏସ୍‌ଆର୍‌ଓର ଦେୟମୁକ୍ତ ନମ୍ବର ୧୮୦୦୧୦୨୧୦୮୦ ବିଷୟରେ ମଧ୍ୟ ସୂଚନା ଦିଆଯାଇଛି। ଏହି ନମ୍ବରରେ ମାଇକ୍ରୋଫାଇନାନ୍ସ ଗ୍ରାହକମାନେ ଫୋନ୍ କରି ଅନେକ ପ୍ରଶ୍ନର ଉତ୍ତର ପାଇପାରିବେ।

| Publication | Prameya |
| --- | --- |
| Edition | Orissa [Balasore] |
| Date | 6th July, 2020 |
| Page No. | 17 |

# ମହିଳା ଋଣକର୍ତ୍ତାଙ୍କୁ ସହାୟତା ପାଇଁ ଏମ୍‌ଏଫ୍‌ଆଇଏନ୍ ପ୍ରତିଶ୍ରୁତିବଦ୍ଧ

ଭୁବନେଶ୍ୱର,୫।୭(ବ୍ୟୁରୋ): କରୋନା ମହାମାରୀ ଯୋଗୁଁ ପ୍ରଭାବିତ ହୋଇଥିବା ଓଡ଼ିଶାର ୩୫ ଲକ୍ଷ ୮୮ହଜାର ଋଣକର୍ତ୍ତାଙ୍କୁ ସହାୟତା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛି ମାଇକ୍ରୋଫାଇନାନ୍ସ ଇନ୍‌ଷ୍ଟିଚ୍ୟୁସନ୍‌ସ ନେଟ୍‌ୱର୍କ (ଏମ୍‌ଏଫ୍‌ଆଇଏନ)। ମାଇକ୍ରୋଫାଇନାନ୍ସ ସଂଗଠନର ସଦସ୍ୟମାନେ ରାଜ୍ୟର ଏହି ମହିଳା ଋଣକର୍ତ୍ତାଙ୍କୁ ସବୁ ସହଯୋଗ କରିବେ ବୋଲି ଏମ୍‌ଏଫ୍‌ଆଇଏନ୍ କହିଛି। ଏନେଇ ବାଲେଶ୍ୱରର ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର ସୁଦୀପ ଡାକୁଆ ମିସନ ଶକ୍ତି ଜିଲ୍ଲା ସଂଯୋଜକଙ୍କ ଉପସ୍ଥିତିରେ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ମାଇକ୍ରୋଫାଇନାନ୍ସ ସଂଗଠନ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ମାଇକ୍ରୋଫାଇନାନ୍ସ ଗ୍ରାହକ ସମ୍ମୁଖୀନ ହେଉଥିବା ସମସ୍ୟା ଓ ତାହାର ସମାଧାନ ଉପରେ ସେମାନେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ମାଇକ୍ରୋଫାଇନାନ୍ସ ଗ୍ରାହକଙ୍କ ପାଇଁ ଅଗଷ୍ଟ ୩୧ ଯାଏଁ ମୋରାଟୋରିୟମ ସୁବିଧା ଯୋଗାଇ ଦିଆଯାଇଥିବା ଶ୍ରୀ ଡାକୁଆ ସୂଚନା ଦେଇଛନ୍ତି।

Ketchum Sampark
break through


| | |
|---|---|
| **Publication** | Samaja |
| **Edition** | Orissa [All Editions] |
| **Date** | 2nd July, 2020 |
| **Page No.** | 9 |


# ମାଇକ୍ରୋଫାଇନାନ୍ସ ସଂସ୍ଥାଗୁଡ଼ିକୁ ଭେଟିଲେ ଲିଡ ବ୍ୟାଙ୍କ ଡିଷ୍ଟ୍ରିକ୍ଟ ମ୍ୟାନେଜର

ବାଲେଶ୍ୱର,୧।୭(ସପ୍ର): ଓଡ଼ିଶାର ୩୫.୮୮ ଲକ୍ଷ ମହିଳା ଋଣଗ୍ରହୀତାଙ୍କୁ ମାଇକ୍ରୋଫାଇନାନ୍ସ ସଂଗଠନଗୁଡ଼ିକର ସଦସ୍ୟମାନେ ସହାୟତା କରିବା ଦିଗରେ କାର୍ଯ୍ୟକରିବେ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ସ୍ୱୀକୃତିପ୍ରାପ୍ତ ଆତ୍ମନିୟନ୍ତ୍ରଣକାରୀ ସଂଗଠନ ମାଇକ୍ରୋଫାଇନାନ୍ସ ଇନଷ୍ଟିଚ୍ୟୁସନ୍ସ ନେଟୱାର୍କ (ଏମଏଫଆଇଏନ) ଏବଂ ମାଇକ୍ରୋଫାଇନାନ୍ସ ଇଣ୍ଡଷ୍ଟ୍ରି ଆସୋସିଏସନ ପକ୍ଷରୁ କୁହାଯାଇଛି। ସେମାନଙ୍କ ମଧ୍ୟରେ କୋଭିଡ ୧୯ କାରଣରୁ ଜୀବିକା ପ୍ରଭାବିତ ହୋଇଥିବା ବାଲେଶ୍ୱର ଜିଲାର ୧.୮୮ ଲକ୍ଷ ମହିଳା ଋଣଗ୍ରହୀତା ଅନ୍ତର୍ଭୁକ୍ତ। ଏମଏଫଆଇଏନ ଏସଆରଓର ଏକ ନିଃଶୁଳ୍କ ନମ୍ବର ୧୮୦୦୧୦୨୧୦୮୦ ରହିଛି। ଯେଉଁ ନମ୍ବରକୁ ଜଣେ ଋଣଗ୍ରହୀତା ନିଜର ଯେ କୌଣସି ସମସ୍ୟାକୁ ନେଇ ଫୋନ କରିପାରିବେ। ବାଲେଶ୍ୱର ଲିଡ ଡିଷ୍ଟ୍ରିକ୍ଟ ମ୍ୟାନେଜର ସୁଦୀପ ଡାକୁଆ ରାଜ୍ୟ ସରକାରଙ୍କ ମିଶନ ଶକ୍ତିର ଜିଲା ସଂଯୋଜକ ଶ୍ରୀ ପରିଡାଙ୍କ ଉପସ୍ଥିତିରେ ସୂଚନାଦେଇ କହିଥିଲେ ଯେ, ବାଲେଶ୍ୱର ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ସେମାନେ ୟୁକୋ ବ୍ୟାଙ୍କ ପରିସରରେ ଜିଲାରେ କାର୍ଯ୍ୟ କରୁଥିବା ସମସ୍ତ ମାଇକ୍ରୋଫାଇନାନ୍ସ ସହିତ ସଂପ୍ରତି ଏକ ବୈଠକରେ ମିଳିତ ହୋଇ ଜିଲାରେ ମାଇକ୍ରୋଫାଇନାନ୍ସ ଗ୍ରାହକମାନେ ସମ୍ମୁଖୀନ



ହେଉଥିବା ସମସ୍ୟା ଏବଂ ଆହ୍ୱାନଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ କରୋନା ମହାମାରୀ କାରଣରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା କିସ୍ତି ପୈଠକୁ ୨୦୨୦ ଅଗଷ୍ଟ ୩୧ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ତେବେ ଏହିସବୁ ସଂସ୍ଥା ପକ୍ଷରୁ ଯୋଗାଇ ଦିଆଯାଇଥିବା ଋଣ ଛାଡ କରାଯାଇପାରିବ ନାହିଁ। ଯେଉଁ ଗ୍ରାହକମାନେ ଋଣ ନେଇଛନ୍ତି ସେମାନେ ଚାହିଁଲେ ୨୦୨୦ ଅଗଷ୍ଟ ୩୧ ପର୍ଯ୍ୟନ୍ତ ମୋରାଟୋରିୟମ ସୁବିଧା ନେଇପାରିବେ। ମୋରାଟୋରିୟମ ଅବଧି କାଳରେ ଭାରତୀୟ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଋଣର ବକେୟା ଥିବା ଅଂଶ ଉପରେ ସୁଧ ପ୍ରଯୁଜ୍ୟ ହେବ ଏବଂ ତାହା ଆଦାୟ କରାଯିବ। କିସ୍ତି ପୈଠ କରିବାକୁ ସମର୍ଥ ମାଇକ୍ରୋଫାଇନାନ୍ସ ଗ୍ରାହକମାନେ ମୋରାଟୋରିୟମ ସମୟର ଅତିରିକ୍ତ ସୁଧକୁ ଏଡାଇବା ପାଇଁ ସଂପ୍ରତି କିସ୍ତି ପୈଠ କରିପାରିବେ। ଯେଉଁମାନେ କିସ୍ତି ପରିଶୋଧ କରିବାକୁ ଅସମର୍ଥ ସେମାନେ ମୋରାଟୋରିୟମ ନେଇପାରିବେ ଏବଂ ତାହା ୨୦୨୦ ଅଗଷ୍ଟ ୩୧ରେ ଶେଷହେଲେ ସେମାନଙ୍କୁ କିସ୍ତି ସହିତ ଭାରତୀୟ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ହିସାବ କରାଯାଇଥିବା ସୁଧ ପୈଠ କରିବାକୁ ହେବ। ବୈଠକରେ ମାଇକ୍ରୋଫାଇନାନ୍ସ ଶିଳ୍ପର ବରିଷ୍ଠ ପ୍ରତିନିଧିମାନେ ମତ ରଖିଥିଲେ ଯେ ମୋରାଟୋରିୟମ ସୁବିଧା ନେବେ କି ନାହିଁ ସେଥିପାଇଁ ସେମାନେ ଗ୍ରାହକଙ୍କ ସହିତ ଯୋଗାଯୋଗ କରୁଛନ୍ତି। ଗ୍ରାହକମାନେ ମୋରାଟୋରିୟମ ସୁବିଧା ନେଲେ ଲାଗୁ ହେଉଥିବା ସୁଧ ସମ୍ପର୍କରେ ଅବଗତ ନାହାନ୍ତି, ତେଣୁ ଗ୍ରାହକଙ୍କୁ ସେ ସମ୍ପର୍କରେ ଅବଗତ କରାଯାଉଛି। ସେମାନେ କହିଥିଲେ, କୋଭିଡ ୧୯ର ମୁକାବିଲା କରିବା ନିମନ୍ତେ ମାଇକ୍ରୋଫାଇନାନ୍ସ ସଂସ୍ଥାଗୁଡ଼ିକ ସେମାନଙ୍କ ଗ୍ରାହକଙ୍କ ସହିତ ଛିଡାହେବେ ଏବଂ ସେମାନଙ୍କ ଜୀବିକାକୁ ପୁଣି ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବେ। ସେମାନେ ଋଣ ଆବଶ୍ୟକତାକୁ ବୁଝି ତଦନୁଯାୟୀ ଋଣ ଯୋଗାଇବା ପ୍ରକ୍ରିୟା ଜାରି ରଖିଛନ୍ତି। ଋଣଗ୍ରହୀତାଙ୍କ ସ୍ୱାର୍ଥ ସୁରକ୍ଷିତ ରଖିବା ସକାଶେ, ଏମଏଫଆଇଏନ ଏସଆରଓ ଏକ ଅତ୍ୟନ୍ତ ଦକ୍ଷ ଅଭିଯୋଗ ସମାଧାନ କୌଶଳ ପ୍ରକୋଷ୍ଠ ସ୍ଥାପନ କରିଛି ଯାହା ଓଡ଼ିଆ ଭାଷାରେ ଗ୍ରାହକଙ୍କ ଆପତ୍ତି ଅଭିଯୋଗର ସମାଧାନ କରୁଛି। ଗ୍ରାହକ ଯଦି ମୋରାଟୋରିୟମ ସୁବିଧା ନେବାରେ କୌଣସି ସମସ୍ୟାର ସମ୍ମୁଖୀନ ହୁଅନ୍ତି ଅଥବା କୌଣସି ସ୍ପଷ୍ଟିକରଣ ଚାହାନ୍ତି, ତେବେ ସେହି ମହିଳା ଋଣଗ୍ରହୀତା ପ୍ରଥମେ ତାଙ୍କର ଋଣଦାତାଙ୍କ ନିକଟରେ ପହଞ୍ଚିବାକୁ ହେବ, ଯାହାଙ୍କର ଟେଲିଫୋନ ନମ୍ବର ତାଙ୍କ ଋଣ କାର୍ଡରେ ଉଲ୍ଲେଖ କରାଯାଇଛି। ପରବର୍ତ୍ତୀ ସମୟରେ ଋଣଗ୍ରହୀତା ଉକ୍ତ ପ୍ରସଙ୍ଗ ନିଃଶୁଳ୍କ ନମ୍ବର ୧୮୦୦୧୦୨୧୦୮୦ରେ ଏମଏଫଆଇଏନ ଏସଆରଓର ଦୃଷ୍ଟିକୁ ଆଣିପାରିବେ।